**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆଦିଲ୍ଲୀ–୧୧୦୦୦୧**

**ଫୋ.ନଂ–୨୩୦୦୫୭୦୦, ଫା.ନଂ–୨୩୦୦୫୭୮୭**

**ତା.୧୧.୦୩.୨୦୧୪**

**ସାଂସଦ ଓ ରାଜ୍ୟସଭାର ବିରୋଧୀ ଦଳ ଉପନେତା, ବି.ଜେ.ପି ଶ୍ରୀ ରବି ଶଙ୍କର ପ୍ରସାଦଙ୍କ ମନ୍ତବ୍ୟ ।**

**ଦେଶର ବର୍ତ୍ତମାନ ସ୍ଥିତିରେ ରାହୁଲ ଗାନ୍ଧି ନିରୁତ୍ତର ଓ ତ୍ରୁଟିପୂର୍ଣ୍ଣ ଇତିହାସ ।**

୨୦୧୪ ମସିହାର ନିର୍ବାଚନ ଏକ ସ୍ୱତନ୍ତ୍ର ପ୍ରକାରର ନିର୍ବାଚନ କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତ ବର୍ଷ ଆଜି ନିରାଶବାଦ ମଧ୍ୟରେ ଗତି କରୁଅଛି । ତାହାର କାରଣ ଦେଶର ବିକାଶ ହାର ସବୁଠାରୁ କମ (୪.୭), ଦରଦାମ ବୃଦ୍ଧି, ସର୍ବ ସାଧାରଣଙ୍କ ସମ୍ପତ୍ତିକୁ ଆତ୍ମସାତ କରିବା ଏହିସବୁ ବିଷୟ ଉପରେ ଏକ ପ୍ରକାରର ପ୍ରଶ୍ନବାଚୀ ସୃଷ୍ଟି କରିଅଛି । ଯାହାଫଳରେ ଦେଶରେ ଏକ ପରିବର୍ତ୍ତନର ସ୍ରୋତ ଦୃଶ୍ୟମାନ । ଏହି ପ୍ରକାରର ପ୍ରଶ୍ନର ଉତ୍ତର କେବଳ ରାହୁଲ ଗାନ୍ଧିଙ୍କ ପାଖରେ ନୁହେଁ ବରଂ ଏଥିପାଇଁ ଉପା ସରକାର ମଧ୍ୟ ନିରୁତ୍ତର । ରାହୁଲ ଗାନ୍ଧି ଜନସାଧାରଣଙ୍କର ଏହି ଦୃଷ୍ଟିକୋଣକୁ ବଦଳାଇବା ପାଇଁ ସମ୍ପୂର୍ଣ୍ଣ ଭାବରେ ମିଥ୍ୟା ଏବଂ ହୀନ ଦୋଷାରୋପ କରିବାକୁ ଆଦୌ ପଛାଉ ନାହାନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ (ଆର.ଏସ.ଏସ) ମହାତ୍ମା ଗାନ୍ଧିଙ୍କର ହତ୍ୟାକାରୀ ବୋଲି ପ୍ରମାଣ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଛନ୍ତି । ବହୁ ପୂର୍ବର ଜଷ୍ଟିସ କାପୁର କମିଶନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଏହି ହତ୍ୟାରେ କୌଣସି ହାତ ନାହିଁ ବୋଲି ଶୁଣାଣି କରିଛନ୍ତି । ରାହୁଲ ଗାନ୍ଧି ଇତିହାସ ଉପରେ ସମ୍ୟକ ଜ୍ଞାନ ରଖୁନାହାନ୍ତି କିମ୍ବା ତାଙ୍କ ଭାଷଣର ଲେଖକଙ୍କର ଜ୍ଞାନ ମଧ୍ୟ ବୋଧହୁଏ କମ ଅଛି ।

''ପଟେଲ–ଏ ଲାଇଫ '' ଏକ ପୁସ୍ତକ ଶ୍ରୀ ରାଜ ମୋହନ ଗାନ୍ଧିଙ୍କ ଦ୍ୱାରା ଲିଖିତ । ଏହି ପୁସ୍ତକର ୪୭୨ ପୃଷ୍ଠାରେ ୨୭.୦୨.୧୯୪୮ ମସିହାର ଏକ ଚିଠିର ନକଲ ଯାହା ସର୍ଦ୍ଦାର ପଟେଲ ନେହେରୁଙ୍କୁ ଲେଖିଥିଲେ ।

“ ମୁଁ ପ୍ରାୟ ପ୍ରତିଦିନ ବାପୁଙ୍କର ହତ୍ୟା ଘଟଣାର ତଦନ୍ତର ଉନ୍ନତି ବିଷୟରେ ଖୋଜ ଖବର ରଖୁଛି । ମୁଁ ପ୍ରାୟତଃ ସନ୍ଧ୍ୟା ସମୟରେ ସଞ୍ଜୀବି ( ଗୁଇନ୍ଦା ସଂସ୍ଥାର ମୁଖ୍ୟ ) ସହ ଆଲୋଚନା କରୁଅଛି ।

ସମସ୍ତ ଦୋଷୀଙ୍କର ସବିଶେଷ ତଥ୍ୟ ପ୍ରାୟତଃ ଦିଆ ସରିଛି ........ । ଏଥିରୁ ସ୍ୱଷ୍ଟ ଜଣା ପଡୁଛି ଏଥିରେ ହିନ୍ଦୁ ମହାସଭାର ହାତ ଅଛି କିନ୍ତୁ ଆର.ଏସ.ଏସ ର ଆଦୌ ଭୂମିକା ନାହିଁ । ”

ପ୍ରକୃତ ପକ୍ଷେ ସର୍ଦ୍ଦାର ପଟେଲଙ୍କର ସ୍ୱଷ୍ଟୋକ୍ତି ସମ୍ପୂର୍ଣ୍ଣ ପୋଲିସର ଅନୁସନ୍ଧାନ ପରେ ମଧ୍ୟ ଆର.ଏସ.ଏସ ର ଏଥିରେ ଆଦୌ ସଂପୃକ୍ତି ନାହିଁ । କଂଗ୍ରେସ ଏହି ୨୦୧୪ ନିର୍ବାଚନରେ ଭୟଙ୍କର ହାରର ସାମ୍ନା କରିବା ପାଇଁ ଯାଉଅଛି । ସେଥିପାଇଁ ବୋଧେ ଏହି ପ୍ରକାରର ବିବଦମାନ ମନ୍ତବ୍ୟ ଦେଉଛନ୍ତି । ଯାହାକୁ ଜନସାଧାରଣ ଗ୍ରହଣ ମଧ୍ୟ କରୁନାହାନ୍ତି ।

ନେହେରୁ–ଇନ୍ଦିରା ଗାନ୍ଧିଙ୍କ ରାଜୁତି ସମୟରେ ସର୍ଦ୍ଦାର ପଟେଲ ଓ ମୌଲାନା ଆଜାଦଙ୍କୁ ଭାରତ ରତ୍ନ କାହିଁକି ଦିଆଗଲା ନାହିଁ ? ସର୍ଦ୍ଦାର ପଟେଲ ଏବଂ ମୌଲାନା ଆଜାଦ ଦେଶର ସେବା ପାଇଁ ସମ୍ପୂର୍ଣ୍ଣ ଭାବେ ଭାରତ ରତ୍ନ ପାଇବାର ହକଦାର ଅଟନ୍ତି । ସର୍ଦ୍ଦାର ପଟେଲ ୧୯୫୦ ମସିହା ଓ ମୌଲାନା ୧୯୬୯ ମସିହାରେ ମୃତ୍ୟୁ ବରଣ କରିଥିଲେ । ସ୍ୱତନ୍ତ୍ର ଭାରତର ପ୍ରଧାନ ମନ୍ତ୍ରୀ ଭାବେ ଦୀର୍ଘ ୧୭ ବର୍ଷ ଧରି ନେହେରୁ ପ୍ରଧାନ ମନ୍ତ୍ରୀ ପଦରେ ଥିଲେ । ଶ୍ରୀମତୀ ଇନ୍ଦିରା ଗାନ୍ଧି ୧୬ ବର୍ଷ ଓ ତାଙ୍କ ପୁତ୍ର ରାଜୀବ ଗାନ୍ଧି ମଧ୍ୟ ୫ ବର୍ଷ ପ୍ରଧାନ ମନ୍ତ୍ରୀ ଥିଲେ । ଦୀର୍ଘ ଏହି ୩୮ ବର୍ଷର କାଳଚକ୍ର ମଧ୍ୟରେ ଭାରତର ବହୁ ନେତାଙ୍କୁ ଭାରତ ରତ୍ନ ଦିଆଯାଇଥିଲା ଓ ସେମାନଙ୍କ ମଧ୍ୟରେ ନିଜେ ଶ୍ରୀମତୀ ଗାନ୍ଧି ଓ ନେହେରୁ ଥିବା ସତ୍ତ୍ୱେ ମୌଲାନା ଆଜାଦ ଓ ପଟେଲଙ୍କ କଥା ମନେ ପଡ଼ିଲା ନାହିଁ ।

ଏଠାରେ ଦେଶ ପଚାରିବାକୁ ଚାହେଁ, ଏହି ଦୀର୍ଘ ଶାସନ କାଳ ମଧ୍ୟରେ ସର୍ଦ୍ଦାର ପଟେଲ ଏବଂ ମୌଲାନା ଆଜାଦଙ୍କୁ ଭାରତ ରତ୍ନ ଉପାଧି ପାଇଁ ଅନୁପଯୁକ୍ତ କାହିଁକି ମନେ କରାଗଲା ? କିନ୍ତୁ ୧୯୯୧ ମସିହାର ନରସିଂହ ରାଓଙ୍କ ସରକାର ସମୟରେ ସର୍ଦ୍ଦାର ପଟେଲଙ୍କୁ ଏବଂ ୧୯୯୨ ମସିହାରେ ମୌଲାନା ଆଜାଦଙ୍କୁ ଏହି ଉପାଧିରେ ଭୂଷିତ କରାଗଲା । ବର୍ତ୍ତମାନ ଦେଶବାସୀ ରାହୁଲ ଗାନ୍ଧିଙ୍କଠାରୁ ଜାଣିବାକୁ ଚାହୁଛନ୍ତି ଏହି ପକ୍ଷପାତ ନୀତି ପାଇଁ ଦାୟୀ କିଏ ? କଂଗ୍ରେସ ଦଳ କେବଳ ନିଜ ପରିବାର ପାଇଁ ହିଁ ଚିନ୍ତା କରେ ।

**ଇଂ ଅରୁଣ କୁମାର ଜୈନ, କାର୍ଯ୍ୟାଳୟ ସମ୍ପାଦକ**